### ପରିବହନ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁର୍ଘଟଣା

# ବର୍ତ୍ତିଗଲେ ଚାଳକ; ରାଜପଥରେ ଯାତାୟାତ ବାଧାପ୍ରାପ୍ତ

ବ୍ରହ୍ମପୁର,୧।୨(ସମିସ):

ସଡ଼କ ସୁରକ୍ଷା ମାସ ପାଳନର ଅନ୍ତିମ ଦିବସରେ ପରିବହନ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ହୋଇଥିବା ସଡ଼କ ଦୁର୍ଘଟଣାରେ ୫ ନିରୀହ ଜୀବନ ଯାଇଥିଲା। ଯାହାକୁ ନେଇ ମନ୍ତ୍ରୀ ମୃତକଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାକ୍ଷାତ ଆଲୋଚନା କରି ସମବେଦନା ଜଣାଇଥିଲେ। ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନଘଟେ ସେଥିପ୍ରତି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତେବେ ପ୍ରତିଶ୍ରୁତି ଦେବାର ମାତ୍ର କିଛି କ୍ଷଣ ଭିତରେ ଖୋଦ୍ ମନ୍ତ୍ରୀଙ୍କ ନିଜ କାର୍ଯ୍ୟାଳୟ ନିକଟରେ ହୋଇଥିଲା ଆଉ ଏକ ସଡ଼କ ଦୁର୍ଘଟଣା। ଯଦିଓ ଏଥିରେ କେହି ମୃତାହତ ହୋଇନଥିଲେ ତଥାପି ଘଟଣାକୁ ଚପାଇବାକୁ ବେଶ୍ ଉଦ୍ୟମ କରାଯାଇଥିଲା। ତେବେ ୧୬ନମ୍ବର ଜାତୀୟ



ରାଜପଥର ରାସ୍ତା କଡ଼ ନିକଟରେ ଥିବା ମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ତଥା ବନ୍ଦେ ମାତରମ ନିକଟରେ ଦୁର୍ଘଟଣା ଯୋଗୁ ଦୀର୍ଘ ସମୟ ଧରି ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରବିବାର ଯୋଗୁ ସୁନାପୁର ଠାରୁ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କ ଗାଡ଼ି ଆସିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପରେ ଉଭୟ ଗୋଳନ୍ଥରା ଓ ଗୋଷାଣିନୂଆଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟାର ସମାଧାନ କରିଥିଲେ। ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଗତକାଲି ଶନିବାର ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଯାଇଥିବା ବେଳେ ଆଜି ଅର୍ଥାତ୍ ଘଟଣାର ୨୪ଘଣ୍ଟା ନପୁରୁଣୁ ଖୋଦ୍ ମନ୍ତ୍ରୀଙ୍କ ନିଜ କାର୍ଯ୍ୟାଳୟ ନିକଟରେ ଏକ ଦୁର୍ଘଟଣାକୁ ନେଇ ଉଠିଛି ପ୍ରଶ୍ନ।

## କିଆବାଡ଼ ମାଲିକାନାକୁ ନେଇ ମାର୍‌ପିଟ୍

ରଙ୍ଗେଇଲୁଣ୍ଡା,୧।୨(ସମିସ): ଗୋଳନ୍ଥରା ଥାନା ଅଧୀନ ଏକ ଗାଁରେ କିଆବାଡ଼ ମାଲିକାନାକୁ ନେଇ ଦୁଇ ପରିବାର ମଧ୍ୟରେ ମାର୍‌ପିଟ ହୋଇ ଥାନାରେ ଦୁଇଟି ମାମଲା ରୁଜୁ ହେବା ସହ ଦୁଇ ଜଣକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ମାନେ ହେଲେ ଗୋବିନ୍ଦପୁର ଗ୍ରାମ ବି. ବାଲାଜୀ ରେଡି (୩୨) ଓ ପି. ମଧୁସୂଦନ (୫୦)। ପି. ମଧୁସୂଦନ ପୂର୍ବପୁରୁଷରୁ ଏକ କିଆବାଡ଼କୁ ସେହି ଗ୍ରାମ ବି. ବାଲାଜୀ ରେଡିଙ୍କ ପରିବାର ଲୋକଙ୍କୁ ବିକ୍ରି କରି ଦେଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବାଦବିବାଦ ଲାଗି ରହିବା ସହ ମାଲିକାନାକୁ ନେଇ ଅଦାଲତରେ ମାମଲା ବିଚାରଧୀନ ରହିଛି। ଗତ ୩୦ ତାରିଖ ସକାଳ ୬ଟାରେ ମଧୁସୂଦନ ଓ ବାଲାଜୀ ମଧ୍ୟରେ ପୁଣି ଯୁକ୍ତିତର୍କ ଏବଂ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିଲା। ଏଥିରେ ୪ ଜଣ ଆହତ ହୋଇଥିଲେ। ଏନେଇ ମଧୁସୂଦନ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ନଂ.୪୯/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ବାଲାଜୀ ମଧ୍ୟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ନଂ.୫୦/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୋବିନ୍ଦପୁର ଗ୍ରାମରୁ ବାଲାଜୀ ଓ ମଧୁସୂଦନକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ତଦନ୍ତ ଅଧିକାରୀ ଏଏସ୍‌ଆଇ କୃତିବାସ ସାହୁ ସୂଚନା ଦେଇଛନ୍ତି।

## ମାଘ ପୂର୍ଣ୍ଣିମାରେ ମା'ବନଦେବୀଙ୍କ ନଗର ପରିକ୍ରମା



କବିସୂର୍ଯ୍ୟନଗର,୧।୨(ସମିସ): ଆଜି ହେଉଛି ପବିତ୍ର ମାଘ ପୂର୍ଣ୍ଣିମା। ଏହି ଅବସରରେ ମା'ବନଦେବୀଙ୍କ ବାର୍ଷିକ ନଗର ପରିକ୍ରମା ଧୁମ୍‌ଧାମରେ ପାଳିତ ହୋଇଯାଇଛି। ସକାଳେ ମା'ଙ୍କ ଲାଗି ହୋମ, ପୂଜା ଯଥାରୀତି ପାଳିତ ହୋଇଥିଲା। ଅପରାହ୍ନରେ ବିରାଟ ପଟୁଆରରେ ସୁସଜ୍ଜିତ ରଥରେ ମା'ଙ୍କୁ ଯାନୀ ମୁଣ୍ଡରେ ବସାଇ ନଗର ପରିକ୍ରମା କରିଥିଲେ। ସାଙ୍ଗରେ ହଜାର ହଜାର ଭକ୍ତ ପରିକ୍ରମାରେ ସାମିଲ ହୋଇଥିଲେ। ବାଦ୍ୟ, ବାଜଣା, ଗିନି, ମୃଦଙ୍ଗ, ଢୋଲରେ ଚାରିଆଡ଼େ ପ୍ରକମ୍ପିତ ହୋଇ ପଡୁଥିଲା। ପ୍ରତି ଘର ଦାଣ୍ଡରେ ମା'ଙ୍କ ଲାଗି ଭୋଗ ବଢ଼ା ଯାଇଥିଲା। ମା' ଭକ୍ତଙ୍କ ଦାଣ୍ଡରେ ବର୍ଷକରେ ଥରେ ପୂଜା ପାଇଥାନ୍ତି। ପ୍ରତି ସାହିରେ ମା'ପହଞ୍ଚିବା ପରେ ତାଙ୍କୁ ବିଦାୟ ଲାଗି ସାହିବାସୀ ପଛେ ପଛେ କିଛି ଦୂର ଯାଇଥିଲେ। ଶୃଙ୍ଖଳା ଲାଗି କମିଟି ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା।

● ପଦାରେ ପଡ଼ିଲା ଶିକ୍ଷୟିତ୍ରୀଙ୍କ କାରନାମା

## ମଧ୍ୟାହ୍ନଭୋଜନ ଚାଉଳ ବାଟମାରଣା ଭିଡିଓ ଭାଇରାଲ

କୋରାପୁଟ,୧।୨(ସମିସ): ପ୍ରାୟ ଦୁଇ ବର୍ଷ ହେବ ମନମାନି ଚଳାଇ ଆସୁଥିବା କୋରାପୁଟ ସହର ସ୍ଥିତ ପୁଲିସ୍ ୟୁପି ସ୍କୁଲର ଭାରପ୍ରପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରବିବାର ଛୁଟି ଦିନରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ପାଇଁ ଏକ ଅଟୋରିକ୍ସାରେ ନେବା ଭିଡିଓ ଭାଇରାଲ୍ ହୋଇଛି। ବିଭିନ୍ନ ଘଟଣାକୁ ନେଇ ବିବାଦୀୟ ହୋଇ ପଡ଼ିଥିବା ଜୈନିକ ଭାରାପ୍ରାପ୍ତ ପ୍ରଧାନ



ଶିକ୍ଷୟତ୍ରୀଙ୍କୁ ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜିତା କହଁରଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେବା ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଦାୟିତ୍ୱ ହସ୍ତାନ୍ତର ପୂର୍ବରୁ ବଳକା ଚାଉଳ ନେଇ ଯାଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପାଇବା ସତ୍ତ୍ୱେ ସେ ନିର୍ଦ୍ଦେଶକୁ ବେଖାତିର କରି ଦାୟିତ୍ୱ ହସ୍ତାନ୍ତର କରୁନଥିଲେ। କିନ୍ତୁ ବାରମ୍ବାର ଅନିୟମିତତା ଅଭିଯୋଗ ଆସିବା ପରେ ବିଭାଗୀୟ ଚାପରେ ସେ ସୋମବାର ଦାୟିତ୍ୱ ଦେବାକୁ ବାଧ୍ୟ ବୋଲି କୁହା ଯାଇଛି। ଶିକ୍ଷୟିତ୍ରୀ ଜଣକ ପିଲାଙ୍କ ମିଥ୍ୟା ଉପସ୍ଥାନ ପକାଇ ଠୁଳ କରିଥିବା ପ୍ରାୟ ଦୁଇ କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳ ଏକ ଅଟୋ ରିକ୍ସାରେ ବିଦ୍ୟାଳୟରୁ ବଜାରକୁ ଚାଲାଣ କରିବା ଭିଡିଓ ଭାଇରାଲ ହେବା ସହିତ ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାରେ ବିଦ୍ୟାଳୟରେ ତଦାରଖ ତଥା ସଂଯୋଜନା ଦାୟିତ୍ୱରେ ଥିବା ସିଆରସିସିଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚାମେଲି ମଜୁମଦାର ପ୍ରତିକ୍ରିୟା ଦେଇଛନ୍ତି।

## ପାଣିରେ ବୁଡ଼ି ଷଷ୍ଠ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ

ଜୟପୁର, ୧।୨,(ସମିସ): ଜୟପୁର ସଦର ଥାନା ଅଞ୍ଚଳରେ ପାଣିରେ ବୁଡି ଷଷ୍ଠ ଶ୍ରେଣୀର ନାବାଳକ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଉପର କୋଲବର ଗରୁନାଥ ଟାକ୍ରୀଙ୍କ ନାବାଳକ ପୁଅ ମହେଶ ଟାକ୍ରୀ (୧୨) ନିକଟସ୍ଥ ଏକ ନାଳକୁ ସାଙ୍ଗ ମାନଙ୍କ ସହିତ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ତାଙ୍କର ମୃତ୍ୟୁ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଆଜି ଅପରାହ୍ନରେ ନାବାଳକ ମହେଶ ତାଙ୍କର କିଛି ସାଥିଙ୍କ ସହିତ ନିକଟସ୍ଥ ଏକ ନାଳକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଗାଧୋଇବା ବେଳେ ନାଳ ଭିତରକୁ ଚାଲିଯାଇଥିଲେ। ସେଠାରେ ଗଭୀର ଜଳରାଶିରେ ବୁଡି ଯାଇଥିଲେ। ତାଙ୍କ ସାଥି ମାନେ ପାଟି କରିବା ସହିତ ନିକଟସ୍ଥ ଏକ ବସ୍ତି ବାସିନ୍ଦାଙ୍କୁ ଡାକିଥିଲେ। ସେଠାରୁ ବସ୍ତିବାସିନ୍ଦା ଆସି ପାଣି ଭିତରରୁ ତାଙ୍କୁ ଉଦ୍ଧାର କରିଥିଲେ ଏବଂ ତୁରନ୍ତ ନାବାଳକଙ୍କୁ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ପ୍ରାଦେଶିକ କ୍ରୀଡ଼ା ଉଦ୍‌ଯାପିତ



ଛତ୍ରପୁର,୧।୨(ସମିସ): ସ୍ଥାନୀୟ ଷ୍ଟାଡିୟମରେ ଗତ ୩୦ ତାରିଖରୁ ଆରମ୍ଭ ହୋଇଥିବା ପ୍ରାଦେଶିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଛତ୍ରପୁର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରବନ୍ଧକ ପ୍ରଦୀପ୍ତ କୁମାର ଓଝା ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଉପସ୍ଥିତ ରହି ଶିଶୁମାନଙ୍କୁ ଶୈକ୍ଷିକ ବିକାଶ ସହିତ କ୍ରୀଡ଼ା ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସଂଗଠନ ମନ୍ତ୍ରୀ ତାରକ ଦାଶ ସରକାର ତାଙ୍କ ଉଦବୋଧନରେ ଶିଶୁମାନଙ୍କ ଶାରୀରିକ ଶିକ୍ଷାରେ ବିଦ୍ୟାଭାରତୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥାଏ ବୋଲି କହିଥିଲେ। ପ୍ରାନ୍ତ ଖେଳକୁଦ ସଂଯୋଜକ ସଞ୍ଜୟ କୁମାର ମିଶ୍ର କ୍ରୀଡାର ସଂଯୋଜନା କରିଥିଲେ ଓ ପ୍ରାନ୍ତ ଶାରୀରିକ ଶିକ୍ଷା ସଂଯୋଜକ ବଳରାମ ସାହୁ ପ୍ରାନ୍ତ ବୃତ୍ତ ପଠନ କରିଥିଲେ। ଦକ୍ଷିଣ ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଉପସଭାପତି ଗୀତା ପାଢୀ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସଂକୁଳ ପ୍ରମୁଖ ଡ. ଜେ କୂର୍ମା ରାଓ, ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ସଂପାଦକ ସନ୍ତୋଷ କୁମାର ସାହୁ ଦେଇଥିଲେ। ସମ୍ଭାଗ ସଂପାଦକ ଦୀପକ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ମାତୃ ଭାରତୀର ସମସ୍ତ ସଦସ୍ୟା, ଅଭିଭାବକ ଓ ଗୁରୁଜୀ ଗୁରୁମା ମାନେ ସହଯୋଗ କରି କାର୍ଯ୍ୟକ୍ରମ ସାଫଲ୍ୟ ମଣ୍ଡିତ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ସଂଯୋଜନା କରିଥିଲେ।

## ଲାଠୀରେ ଅଷ୍ଟପ୍ରହର ନାମଯଜ୍ଞ

କୁକୁଡ଼ାଖଣ୍ଡି,୧।୨(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମ କଟକ ନଗର ସାହିରେ ପ୍ରତିବର୍ଷ ମାଘ ପୂର୍ଣ୍ଣିମାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏହି କ୍ରମରେ ରବିବାର ମାଘ ପୂର୍ଣ୍ଣିମା ଅବସରରେ ସାହିବାସନ୍ଦାଙ୍କ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂର୍ବଦିନ ଅଧିବାସ କାର୍ଯ୍ୟକ୍ରମ ଅରୁଣ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ରବିବାର ସକାଳୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ସାହିବାସିନ୍ଦାଙ୍କ ସମେତ ଆଖପାଖ ଗ୍ରାମର ନାମଯଜ୍ଞ ଦଳ ଯୋଗଦେଇ ସଂକୀର୍ତ୍ତନ ଗାନ କରିଥିଲେ। ଦୁଃଖୀ ଗୌଡ଼, ଉଦୟ ଗୌଡ଼, ନରି ଗୌଡ଼, ବାବୁ ଗୌଡ଼, ପ୍ରଶାନ୍ତ ଗୌଡ଼, ସୁବାଷ ଗୌଡ଼, ଲବ ଗୌଡ଼, କୁଶ ଗୌଡ଼, ଜୟସେନ ଗୌଡ଼ ପ୍ରମୁଖଙ୍କ ସମେତ ସାହିବାସିନ୍ଦା ସହଯୋଗ କରିଥିଲେ।

### ବଜେଟ୍ ପ୍ରତିକ୍ରିୟା

## ବାସ୍ତବତା ଠାରୁ ବହୁ ଦୂରରେ



ଲୋକସଭାରେ ଉପସ୍ଥାପନ କରାଯାଇଥିବା ଚଳିତ ବଜେଟ ଦେଶରେ ଦେଖାଦେଇଥିବା ଆର୍ଥିକ ବୈଷମ୍ୟ ବା କୃଷିର ଦେଖାଦେଇଥିବା ସଂକଟ ସମାଧାନର କୌଣସି ଦିଗଦର୍ଶନ ନାହିଁ। ବେକାରୀ ବଢୁଥିବା ବେଳେ ୬୫ ଲକ୍ଷ ପଦବୀ ପୂରଣ ଦିଗରେ ଦୃଷ୍ଟି ଦିଆଗଲା ନାହିଁ। ସ୍ଥାୟୀ ନିଯୁକ୍ତି ବନ୍ଦ କରାଯାଇଛି, ୪୫ କୋଟି ଦେଶର ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ନେଇ କୌଣସି ଘୋଷଣା ହୋଇନାହିଁ। ସାଧାରଣ ଲୋକଙ୍କ ଠାରୁ ୬୪ ଭାଗ ଜିଏସଟି ଆଦାୟ ହେଉଥିବା ସମୟରେ ଶିଳ୍ପପତିଙ୍କ ଠାରୁ ଆଦାୟ ଜିଏସ୍‌ଟିର ଶତକଡ଼ା ୩ ଭାଗର ଅଭିବୃଦ୍ଧି ପାଇଁ ପ୍ରସ୍ତାବ ନାହିଁ। ଶିକ୍ଷା କ୍ଷେତ୍ରରେ ୨.୬୦ ଭାଗ, ସ୍ୱାସ୍ଥ୍ୟ କ୍ଷେତ୍ରରେ ୧.୯୬ ଶତାଂଶ, ସାମାଜିକ ବିକାଶ କ୍ଷେତ୍ରରେ ୧. ୧୭ ଶତାଂଶ ଘୋଷଣା ସୂଚାଇ ଦେଉଛି ଯେ, କେନ୍ଦ୍ର ସରକାର କର୍ପୋରେଟ ଓ ସାମ୍ରାଜ୍ୟବାଦୀ ପୁଞ୍ଜିର ସୁରକ୍ଷା ପାଇଁ ବଦ୍ଧପରିକର, ନହେଲେ ଜାତୀୟକରଣ ବ୍ୟାଙ୍କ ଏବଂ ଭାରତୀୟ ବିରଳ ମୃତ୍ତିକା ପରି ସଂସ୍ଥା ଘରୋଇ ହାତରେ ଟେକିଦେବା ନିମନ୍ତେ ଘୋଷଣା କରି ନଥାନ୍ତେ। ମୋଟାମୋଟି କହିବାକୁ ଗଲେ କେନ୍ଦ୍ର ବଜେଟ ମହାକାଳ ଫଳ ସଦୃଶ୍ୟ ଓ ହଜାରେ ଝିଣ୍ଟିକା ମାରି ଗୋଟାଏ ବଣି ପୋଷିବା ନୀତି।

ଏନ୍. ନାରାୟଣ ରେଡ୍ଡୀ
ପୂର୍ବତନ ବିଧାୟକ ତଥା ସିପିଆଇ ଜାତୀୟ ପରିଷଦ ସଭ୍ୟ

## ଚାଷୀଙ୍କ କ୍ଷତିଭରଣା ପାଇଁ ନାହିଁ ଯୋଜନା



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଚଳିତ ବର୍ଷର ବଜେଟ ରବିବାର ଉପସ୍ଥାପନ କରିଛନ୍ତି। ଏଥିରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି। ଏହି ବଜେଟକୁ ନେଇ କେତେକ ବୁଦ୍ଧିଜୀବୀ ସକରାତ୍ମକ ମନ୍ତବ୍ୟ ଦେଇଥିବା ବେଳେ ଅନ୍ୟ କେତେକ ବ୍ୟକ୍ତି ଯୋଜନାର ଲାଭ ଉଠାଇବା ପାଇଁ ଭିତ୍ତିଭୂମି ନାହିଁ ବୋଲି ମତ ରଖିଛନ୍ତି। ଆଗକୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଆସୁଛି। ବିଜେପି ସର୍ବଦା ନିର୍ବାଚନ ଇସ୍ତାହାରରେ କୃଷକଙ୍କ ଉତ୍ପାଦ ଓ ଆୟ ବୃଦ୍ଧି ହେବ ବୋଲି ଉଲ୍ଲେଖ କରାଯିବା ସହ ନେତୃମଣ୍ଡଳୀ ବୟାନବାଜି କରୁଛନ୍ତି। ଯାହା ଏବେ ସମ୍ଭବପର ନୁହେଁ। ଏବେବି ସରକାରୀ ମଣ୍ଡି ଗୁଡିକରେ ଖରିଫ ଧାନ ବିକ୍ରୟ ନେଇ ଚାଷୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟ ଭରା ଜିଲ୍ଲାରେ କୃଷି ପାଇଁ ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇଛି। ବନ୍ୟା, ବାତ୍ୟା, ମରୁଡି, ଜଳସେଚନ ଓ ନିଷ୍କାସନ ପର ବିପର୍ଯ୍ୟୟ କ୍ଷତିକୁ ଭରଣା ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ପୂର୍ବ ବଜେଟରେ କୃଷି ଉତ୍ପାଦକୁ ଗୁରୁତ୍ୱ ଦିଆଯିବାକୁ ପ୍ରତିଶ୍ରୁତି ମିଳିଥିଲା। ଗ୍ରାମାଂଚଳରେ ଏବେବି ଜମି ଭାଗବଂଟାକୁ ନେଇ ହଣାକଟା ଚାଲିଛି। ଏହି ଜିଲ୍ଲାର ଭିତ୍ତିଭୂମି ଅଭାବରୁ ଯୁବବର୍ଗ କୃଷିକୁ ଛାଡି ଜିଲ୍ଲା ବାହାରକୁ କର୍ମନିଯୁକ୍ତି ପାଇଁ ଯାଉଛନ୍ତି।

ସୀମାଞ୍ଚଳ ନାହାକ
ସମ୍ପାଦକ, ଋଷିକୁଲ୍ୟା ରୟତ ମହାସଭା

## ସରକାରୀ ପଦବୀ ପୂରଣ ପାଇଁ ବ୍ୟବସ୍ଥା ନାହିଁ



କେନ୍ଦ୍ର ସରକାରଙ୍କ ଏହି ବଜେଟ ଯୁବବର୍ଗଙ୍କ ପାଇଁ ଏତେ ଉତ୍ସାହଜନକ ନୁହେଁ। ସରକାରୀ ପଦବୀ ପୂରଣ ପାଇଁ କୌଣସି ଗୁରୁତ୍ୱ ଦିଆଯାଇ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ତାଲିମ ଆଦି ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। ଅଦ୍ୟାବଧି ପ୍ରତି ଗ୍ରାମକୁ ରାସ୍ତା, ପାନୀୟ ଜଳ, ନେଟୱାର୍କ ସମସ୍ୟା ଆଦି ଲାଗି ରହିଛି। ଆର୍ଥିକ ଅନଗ୍ରସର ଜିଲ୍ଲାରେ ମୋବାଇଲ କିଣିବା ସମସ୍ତଙ୍କ ପାଇଁ ଅପହଞ୍ଚ। ସେହିପରି ଯୁବଦ୍ୟୋଗୀଙ୍କୁ ତାଲିମ, କର୍ମ ନିଯୁକ୍ତି ପଦକ୍ଷେପ ନିରୁତ୍ସାହଜନକ।

ଶଙ୍କର ପ୍ରସାଦ ଦାଶ
ବିଜେଡି ଯୁବନେତା

### 'ଘୁମୁସରର ସ୍ୱର' ପକ୍ଷରୁ ସାହିତ୍ୟ ଆସର

## 'ପ୍ରାଚୀନ ସାହିତ୍ୟ ଅଧ୍ୟୟନ କରନ୍ତୁ ଯୁବପିଢ଼ି'



ଧରାକୋଟ,୧।୨(ସମିସ): ଧରାକୋଟ ବ୍ଲକ ସିଙ୍ଗିପୁର ଗ୍ରାମରେ ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱର ବାଲିପଦର ପକ୍ଷରୁ ୧୫୮ ତମ ସାହିତ୍ୟ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ତଥା ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜିତ୍ କୁମାର ସେଠୀ, ଡକ୍ଟର ବ୍ରଜ କିଶୋର ପାଢ଼ୀ ମୁଖ୍ୟବକ୍ତା, କବି ସୁଶାନ୍ତ କୁମାର କର ଓ ଚିନ୍ତାମଣି ପ୍ରଧାନ ସମ୍ମାନିତ ଅତିଥି, ଚିନ୍ମୟ କୁମାର ମିଶ୍ର ସଂଯୋଜକ, ପ୍ରବଚକ ଭାବେ କଥା ରତ୍ନ ଜ୍ଞାନ ରଞ୍ଜନ ଜେନା ଯୋଗ ଦେଇଥିବା ବେଳେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଭାବେ ଚିନଂ ମହେନ୍ଦ୍ର କୁମାର ପାତ୍ର ଯୋଗଦେଇ ଧରାକୋଟର କଳା, ସାହିତ୍ୟ, ସଂସ୍କୃତି ଅତି ମହାନ୍ କୃଷ୍ଣସିଂହଙ୍କ ରଚିତ ମହାଭାରତ ଭଳି ସାହିତ୍ୟ ଆଉ ଉତ୍ତର ପିଢ଼ି ବୁଝି ପାରିବେ କି ନାହିଁ ସନ୍ଦେହ ହୋଇପଡିଛି। ଏଣୁ ପ୍ରାଚୀନ ସାହିତ୍ୟ ଗୁଡିକୁ ଅଧ୍ୟୟନ ପାଇଁ ଆଧୁନିକ ଯୁବ ପିଢ଼ିଙ୍କୁ ସଚେତନ କରାଇବା ଆମ ମାନଙ୍କ ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରୀତିମୟି ଖଟେଇ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳ ବେଲଗୁଣ୍ଠାର ମଣିଷ ବାଘ ଚିନି ମହେନ୍ଦ୍ର କୁମାର ପାତ୍ରଙ୍କୁ ଘୁମୁସରର ସ୍ୱର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଖଲିକପରିଡା, କୈଳାସ ଚନ୍ଦ୍ର ପ୍ରଧାନ, ସୁକାନ୍ତ କୁମାର ପାଳ ପ୍ରମୁଖ ଯୋଗ ଦେଇ ଥିଲେ। ଖଲି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍: ପୁଲିସ ଟିମ୍ ବିଜୟୀ

ବେଗୁନିଆପଡା,୧।୨(ସମିସ):

କୋଦଳା ଡାକବଙ୍ଗଳା ପଡ଼ିଆରେ କୋଦଳା ଓକିଲ ସଂଘ ଆନୁକୂଲ୍ୟରେ ପୁଲିସ ଓ ପ୍ରିଜନ ଏବଂ ବାର ଓ ବେଞ୍ଚ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ବାର ଓ ବେଞ୍ଚ ପକ୍ଷରୁ କୋଦଳା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବିଶ୍ୱରଞ୍ଜନ ବେହେରା ଅଧିନାୟକ ଦାୟିତ୍ୱ ନେଇଥିବା ବେଳେ ପୁଲିସ ଓ ପ୍ରିଜନ ପକ୍ଷରୁ ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସବଜେଲର ମନୋଜ କୁମାର ସୁତାର ଅଧିନାୟକ ଦାୟିତ୍ୱରେ ଥିଲେ।

ପୁଲିସ ବାହିନୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୨୧୦ ରନ କରିଥିବା ବେଳେ ବାର ଓ ବେଞ୍ଚ ଅଧିନାୟକ ୨୧୧ ରନର ପିଛାକରି



୭ ୱିକେଟ ବିନିମୟରେ ମାତ୍ର ୧୬୭ ରନ କରିବାରେ ସକ୍ଷମ ହୋଇଥିଲେ। ଫଳରେ ପୁଲିସ ଓ ପ୍ରିଜନ ଟିମ୍ ବିଜେତା ଘୋଷଣା ହୋଇଥିଲେ। ଗୁରୁ ପଣ୍ଡିତ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିବା ବେଳେ ବେଷ୍ଟ ବ୍ୟାଟର ଭାବେ ଏଡିଜେ ବିଚାରପତି ବିଶ୍ୱରଞ୍ଜନ ବେହେରା, ବେଷ୍ଟ ସିକ୍ସର ସାଲୁ ସାଇ ଏବଂ ବେଷ୍ଟ ବୋଲର ବାମଦେବ ପଣ୍ଡା ଘୋଷିତ ହୋଇ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ କୋଦଳା ଜେଏମ୍‌ଏଫ୍‌ସି ବିଚାରପତି ଶୋଭନ କୁମାର ପଣ୍ଡା, ପୋଲସରା ଜେଏମ୍‌ଏଫ୍‌ସି ଅଭିନାଶ ନାଇଡୁ, ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ମେଡିକାଲ ଅଫିସର ଆଦିତ୍ୟ ପ୍ରସାଦ ସାହୁ, ବାର୍ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉପ ସଭାପତି ଅବନୀ ଶଙ୍କର ମିଶ୍ର, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ମିଶ୍ର, ନୀଳାଞ୍ଚଳ ପୋଲାଇ, ମାନସ ମିଶ୍ର, ଶୁଭ୍ରମଣୀ ଦାଶ, ଗୋପାଳକୃଷ୍ଣ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ରିଫନ ସ୍ୱାଇଁ ଓ ଭଗବାନ ସ୍ୱାଇଁ ରେଫେରୀ କାର୍ଯ୍ୟ ସମ୍ପାଦନ କରିଥିଲେ। ପୁଲିସ, ବାର, ଜେଲ ଓ ବେଞ୍ଚ କର୍ମକର୍ତ୍ତା ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଶିଶୁ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବ୍ରହ୍ମପୁର, ୧।୨(ସମିସ): ସ୍ଥାନୀୟ ଜ୍ୟୋତି ନଗର ୩ୟ ଲାଇନ୍ ଶିଶୁ ପବ୍ଲିକ ସ୍କୁଲର ଏକାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶିକା ସାମଲାଇ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଶ୍ମିତା ପାଣିଗ୍ରାହୀ ଶିଶୁଙ୍କର ଶିକ୍ଷା ପ୍ରଗତି ରେ ଆଲୋକପାତ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ସନୋଜ ପାଢ଼ୀ, ପଦ୍ମିନୀ ପାଢ଼ୀ ଓ ରବି ପ୍ରସାଦ ସାହୁକାର ଯୋଗଦେଇ ଶିଶୁ ଶିକ୍ଷା ସମୟରେ ଆସୁଥିବା ସମସ୍ୟାର ନ୍ୟାୟିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଦେବେନ୍ଦ୍ର ବେହେରା (ବିଇଓ) ଶିଶୁଙ୍କ ଶିକ୍ଷାର ପ୍ରଗତିରେ ଆଲୋକପାତ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀ ଅମିତା କୁମାରୀ, କେ ଦିଲିପ୍ ରାଓ, ପ୍ରଶାନ୍ତୀ ବ୍ରହ୍ମା, ଶାନ୍ତିଲତା ପଣ୍ଡା, ସନ୍ତୋଷିନୀ ଚୌଧୁରୀ, ପାୟଲ ସ୍ୱାଇଁ, ପାର୍ବତୀ ବେହେରା ସହଯୋଗ କରିଥିଲେ।

## କ୍ରିପ୍ଟୋ କରେନ୍ସି ନାଁରେ ଠକେଇ; ଆନ୍ଧ୍ରରୁ ସାଇବର୍ ଠକ ଗିରଫ

ବ୍ରହ୍ମପୁର, ୧।୨(ସମିସ)

କ୍ରିପ୍ଟୋ କରେନ୍ସିରେ କାରବାର ନାଁରେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କ ଠାରୁ ୬ କୋଟି ୧୬ ଲକ୍ଷ ଟଙ୍କା ଠକି ନେବା ଘଟଣାରେ ରାଜ୍ୟ କ୍ରାଇମବ୍ରାଞ୍ଚ ଆନ୍ଧ୍ରପ୍ରଦେଶରୁ ଆଉ ଜଣେ ସାଇବର ଠକଙ୍କୁ ଗିରଫ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳର ଭି. ଶ୍ରୀନିବାସ ରାଓ(୩୮)। ପୂର୍ବରୁ ଏହି ମାମଲାରେ ୬ ଜଣ ସାଇବର ଠକଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଗିରଫ କରାଯାଇସାରିଛି। ଏହି ଅଭିଯୁକ୍ତମାନେ ଏକ କମ୍ପାନୀ ଖୋଲି କ୍ରିପ୍ଟୋ କାରବାର ନାଁରେ ବ୍ରହ୍ମପୁରର ଏହି ଅଭିଯୋଗକାରୀଙ୍କ ଠାରୁ ୨୦୨୪ ମଇ ମାସରୁ ଜୁନ୍ ମାସ ଭିତରେ ୬ କୋଟି ୧୯ ଲକ୍ଷ ଟଙ୍କା ଠକି ନେଇଥିଲେ। ଜେଡଏଆଇଏଫ୍ ନାମକ ଏହି ସଂସ୍ଥା ପକ୍ଷରୁ ସଞ୍ଜନା ଶ୍ରୀନିବାସନ ନାମକ ଜଣେ ମହିଳା ଅଭିଯୋଗକାରୀଙ୍କୁ ବାରମ୍ବାର ଫୋନ କରି କ୍ରିପ୍ଟୋକରେନ୍ସିରେ ନିବେଶ କରିବାକୁ କହିଥିଲେ। ଏହାପରେ ସାଇବର ଠକମାନେ ଅଭିଯୋଗକାରୀଙ୍କ ଠାରୁ ଉପରୋକ୍ତ ପରିମାଣର ଟଙ୍କା ଠକି ନେଇଥିଲେ। ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ସାଇବର ଥାନାରେ ଏକ ମାମଲା(୩୮/୨୪) ରୁଜୁ ହୋଇଥିଲା। ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ଏହି ବଡ଼ ଧରଣର ସାଇବର ଠକେଇର ମାଷ୍ଟରମାଇଣ୍ଡ ସମେତ ମୋଟ ୬ ଜଣ ଅଭିଯୁକ୍ତଙ୍କୁ ବିଭିନ୍ନ ରାଜ୍ୟରୁ ଗିରଫ କରିଥିଲା। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ମାମଲା ସମ୍ପର୍କିତ ବିଭିନ୍ନ କାଗଜପତ୍ର ଜବତ କରିଥିଲା। ଅଭିଯୁକ୍ତ ଶ୍ରୀନିବାସ ରାଓଙ୍କୁ ଗିରଫ ପରେ ଏହି ମାମଲାର ଅଭିଯୁକ୍ତ ସଂଖ୍ୟା ୭କୁ ବୃଦ୍ଧି ହୋଇଛି। ଶ୍ରୀନିବାସକୁ ଆନ୍ଧ୍ରରୁ କାବୁ କରି ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ଶତପଥି ସୂଚନା ଦେଇଛନ୍ତି।



## ସପ୍ତମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ



କୁକୁଡ଼ାଖଣ୍ଡି, ୧।୨(ସମିସ): ଦକ୍ଷିଣପୁର କ୍ଲଷ୍ଟରସ୍ଥ ବାଳକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଲାଞ୍ଜିଆ ସମିତିସଭ୍ୟ ତଥା ଆମ୍ବଗଡ଼ ସେବା ସମବାୟ ସମିତିର ସଭାପତି କାହ୍ନୁ ଚରଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପାତ୍ର ଓ ଅବସରପ୍ରାପ୍ତ ସିଆରସିସି ଶିବରାମ ମହାଙ୍କୁଡ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟରର ୧୨ଟି ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଏଫଏଲ୍ଏନ୍ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। କ୍ଲଷ୍ଟର ସିଆର୍‌ସିସି ଦୃଷ୍ମନ୍ତ କୁମାର ପଟ୍ଟନାୟକ ଉପସ୍ଥିତି ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ବୈଠକକୁ ସ୍ୱାଗତ କରି ପୂର୍ବ ବୈଠକର ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଏନପିୟୁସ ଦକ୍ଷିଣପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅଲାଡି ପୁଷ୍ପଲତା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଆମ୍ବଗଡ଼ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା କୁମାରୀ ସାହୁ ଓ ଜନତା କୁମାରୀ ସାହୁ ପୂର୍ବ ବୈଠକର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଗୁଣ୍ଠବନ୍ଧ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ବିଶୋଇ, ଦକ୍ଷିଣପୁର ବିଦ୍ୟାଳୟର ଶିକ୍ଷୟିତ୍ରୀ ମନୀଷା ବଡମୁଣ୍ଡି, ବାଳକୃଷ୍ଣପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶଶିରେଖା ମଲିକ, ଲାଞ୍ଜିଆ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଞ୍ଜୁଲତା ପଟ୍ଟନାୟକ, ବାଘଝରି ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଅଚାରୀ, ବିରିବାଡିଆ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଆଲୋଚନାରେ ଭାଗନେଇ ନିଜ ନିଜ ସନ୍ଦେହ ଦୂର କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶଶିରେଖା ମଲ୍ଲିକ, ଶିକ୍ଷକ ରାମ ମୋହନ ପତି ଓ ଶିଶୁ ସେବିକା ଜୟନ୍ତୀ ଗୌଡ଼ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଶିକ୍ଷକ ଜି. ଟୁନା ଦୋରା ଧନ୍ୟବାଦ ପ୍ରଦାନ କରିଥିଲେ।

## ମା'ରାମାୟଣାମ୍ମା ମନ୍ଦିର ପ୍ରତିଷ୍ଠା ବାର୍ଷିକୀ



ଛତ୍ରପୁର, ୧।୨(ସମିସ): ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା'ରାମାୟଣାମ୍ମା ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠାର ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସମ୍ପାଦକ ତଥା ଆଇନଜୀବୀ ବି. ଶ୍ରୀନିବାସଙ୍କ ତତ୍ତ୍ୱାବଧାନରେ ଏବଂ ପୂଜା କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ମହୋତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ କୋଡୁକୁଲା କୃଷ୍ଣବେଣୀଙ୍କ ନେତୃତ୍ୱରେ ୧୫ଜଣିଆ ଦଳ ଦ୍ୱାରା ସୌନ୍ଦର୍ଯ୍ୟ ଲହରୀ ପାଠ ସହିତ ଭକ୍ତିଗୀତ ପରିବେଷଣ କରାଯାଇଥିଲା। ଏହାସହ ଆର୍. ଧନଞ୍ଜୟ ଆଚାର୍ଯ୍ୟୁଲୁ ଓ ଆର୍. ତେଜା ପୁରୋହିତଙ୍କ ଦ୍ୱାରା ଅଭିଷେକ, ପୂଜା, ଆଳଙ୍କାରଣ, ହୋମ ଓ କୁଙ୍କୁମ ପୂଜା ସମ୍ପାଦିତ ହୋଇଥିଲା। ଏହା ସହ ଅନ୍ୟାନ୍ୟ ଧାର୍ମିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଉପସ୍ଥିତ ଭକ୍ତମାନଙ୍କୁ ଗଭୀର ଭକ୍ତିରେ ମନୋନିବେଶ କରାଇଥିଲେ। ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ଶାସ୍ତ୍ରୀୟ ସଙ୍ଗୀତକାରମାନଙ୍କ ଦଳ ଦ୍ୱାରା ପରିବେଷିତ ଶାସ୍ତ୍ରୀୟ ସଙ୍ଗୀତ ଓ ଭକ୍ତିଗୀତ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲା। ମା'ଙ୍କ ଦିବ୍ୟ ଦର୍ଶନ ପାଇଁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତମାନେ ମନ୍ଦିରକୁ ଆସିଥିବାବେଳେ, ଏହି ଉତ୍ସବ ଧାର୍ମିକ ଐକ୍ୟ ଓ ସାଂସ୍କୃତିକ ପରମ୍ପରାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଭାବେ ପରିଣତ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଏସ୍. ରାମ ମୋହନ ରାଓ (ପେଦା) ଓ ତାଙ୍କ ସହଧର୍ମିଣୀ ଏସ୍. ସୈଳଜା, ସମ୍ପାଦକ ବି. ଶ୍ରୀନିବାସ ଓ ସହଧର୍ମିଣୀ ଉଷା, ଏମ୍. ସତ୍ୟନାରାୟଣ, ଲିଙ୍ଗରାଜ ରେଡ୍ଡୀ, ସମରେନ୍ଦ୍ର ସେନାପତି, ଏନ୍. ପ୍ରଭାକର ରାଓ, ଡାଲେୟା ରେଡ୍ଡୀ, ସିଏଚ. ପୂର୍ଣ୍ଣ କୁମାର, ସିଏଚ ଦୟାନନ୍ଦ ରେଡ୍ଡୀ, ଦୀପକ ମୁଦୁଲି, ରମେଶ ରେଡ୍ଡୀ, ବୁଲୁ ରେଡ୍ଡୀ ସହ ଅନ୍ୟାନ୍ୟ କମିଟି ସଦସ୍ୟମାନେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

## ପୁଲିସକୁ ଦୁର୍ବ୍ୟବହାର ଅଭିଯୋଗ; ଜଣେ ଗିରଫ

ଗଞ୍ଜାମ, ୧।୨(ସମିସ): ଗଞ୍ଜାମ ଥାନା ଅନ୍ତର୍ଗତ ବରବଜାର ଅଞ୍ଚଳରେ କିଛି ଆସାମାଜିକ ଯୁବକ ମାରଣାସ୍ତ୍ର ଧରି ଗଣ୍ଡଗୋଳ କରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଥିବାବେଳେ ପୁଲିସ ଖବର ପାଇ ପହଞ୍ଚିଥିଲା। ତେବେ ଏହି ସମୟରେ ଜଣେ ଦୁର୍ବୃତ୍ତ ପୁଲିସକୁ ଆକ୍ରମଣ କରିଥିଲା। ଆକ୍ରମଣରେ ଜଣେ ପୁଲିସ ଅଧିକାରୀ ଆହତ ହୋଇଥିଲେ। ପୁଲିସ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିଛି।

ଗଞ୍ଜାମ ଥାନା ଏସ୍ଆଇ ଅନିରୁଦ୍ଧ ସ୍ୱାଇଁଙ୍କ ଲିଖିତ ଅଭିଯୋଗ ଅନୁସାରେ, ୧ ଫେବୃଆରୀ ୨୦୨୬ ଅପରାହ୍ନରେ ସୂଚନା ମିଳିଥିଲା ଯେ ରାଜେଶ ଦାଶ (୨୮) ଓ ତାଙ୍କ ସହଯୋଗୀମାନେ ଘାତକ ଅସ୍ତ୍ର ସହ ବଡ଼ବଜାର ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରୁଛନ୍ତି। ସୂଚନା ପାଇ ତତ୍କ୍ଷଣାତ୍ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଥିଲା। ଦୁର୍ବୃତ୍ତମାନେ ଗାଳିଗୁଲଜ ଓ ଧମକ ଦେଇ ସାଧାରଣ ଲୋକଙ୍କୁ ଭୟଭୀତ କରୁଥିବା ଦେଖାଯାଇଥିଲା। ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସମୟରେ ରାଜେଶ ଦାଶ ପୁଲିସ ଅଧିକାରୀଙ୍କୁ ଧକ୍କା ଦେଇ ଟାଣି ନେଇ ଗଳା ଦବାଇ ହତ୍ୟା ଉଦ୍ୟମ କରିଥିଲା। ଏହି ଆକ୍ରମଣରେ ଏସ୍ଆଇ ସ୍ୱାଇଁଙ୍କ ଶରୀରର ବିଭିନ୍ନ ଅଂଶରେ ଆଘାତ ଲାଗିଥିବା ବେଳେ, ପୁଲିସ ଅଭିଯୁକ୍ତକୁ ନିୟନ୍ତ୍ରଣରେ ଆଣି ଥାନାକୁ ନେଇଥିଲା। ଘଟଣାକୁ ନେଇ ଗଞ୍ଜାମ ଥାନାରେ ଏକ ମାମଲା (ନଂ.୨୮/୨୦୨୬) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଞ୍ଚଳର ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ନେତା

## ଦାବି ପୂରଣ ହେଲେ ୭୦ ପ୍ରତିଶତ ମତ୍ସ୍ୟଜୀବୀ ଦାଦନ ଯିବେନି



ରମ୍ଭା, ୧।୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପାଳପୁର ବେଳାଭୂମି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ରଙ୍ଗେଇଲୁଣ୍ଡା ହେଲିପ୍ୟାଡ୍‌ରେ ଦଳିତ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ତାଙ୍କୁ ଭେଟି ମତ୍ସ୍ୟଜୀବୀଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଚିଲିକାରେ ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ୧୪୭ଖଣ୍ଡ ଗ୍ରାମର ୫ଲକ୍ଷ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଅସୁବିଧା ଗୁଡିକ ହେଲା, ୧୯୮୮-୧୯୮୯ ଚିଲିକା ପଲିସି ନୀତିନିୟମ ଲାଗୁ କରିବା, ୪୭୦୦୦ ଏକର ମତ୍ସ୍ୟ ଗୁଡ଼ା ବା ମତ୍ସ୍ୟ ସୈରାତ ସୁରକ୍ଷିତ ଓ ଜବରଦଖଲ ଅଣ ମତ୍ସ୍ୟଜୀବୀଙ୍କ ଠାରୁ ଉଦ୍ଧାର କରିବା। ୨୦୧୮ ଠାରୁ ବନ୍ଦ ଥିବା ଲିଜ୍ ଏଗ୍ରିମେଣ୍ଟ ପୁନଃ ପ୍ରଚଳନ କରିବା, ଚିଲିକା ମୁହାଣ ମୁହଁ ମୁକ୍ତ, ପଙ୍କ ଉଦ୍ଧାର ଓ ମଶାରୀ ଜାଲ ଉଚ୍ଛେଦ, ୧୨ଏମ୍ଏମ୍‌ରୁ ଊର୍ଦ୍ଧ୍ୱ ଫାସ ଜାଲ ପ୍ରଚଳନ କରିବା, ଫିସ୍‌ଫେଡ୍ ପରିଚାଳନା ପରିଷଦ ଆଗରୁ ଯେଉଁଭଳି ମତ୍ସ୍ୟଜୀବୀ ହିଁ ମୁଖ୍ୟ ଦାୟିତ୍ୱରେ ରହୁଥିଲେ ତାହା ବଜାୟ ରଖାଯାଉ, ଚିଲିକା ମତ୍ସ୍ୟଜୀବୀ ସରକାର ବିଭିନ୍ନ ଯୋଜନା ଗୁଡିକ ସ୍ୱତନ୍ତ୍ର କରି ଅନ୍ୟ ଅଣ ମତ୍ସ୍ୟଜୀବୀ (ମାଛ ଚାଷ)କୁ ଅନ୍ତର୍ଭୁକ୍ତ କରାନଯାଉ, ମାଟି ଘେରିବନ୍ଧ ଉଚ୍ଛେଦ, ଏଆଇ କ୍ୟାମେରା ଲଗାଇ ମାଛ ଚିଙ୍ଗୁଡ଼ି ଓ କଙ୍କଡା ଗଣତି କରି ବିହୀତ ପଦକ୍ଷେପ ନେବା, ଚିଲିକାକୁ ଗୋଟିଏ ବିଭାଗରେ ଅନ୍ତର୍ଭୁକ୍ତ କରିବା, ଟାସ୍କଫୋର୍ସ ପୁନଃରୁଦ୍ଧାର, ଚିଲିକା ଭିତରେ ଭ୍ରମ୍ୟାମାଣ ଡାକ୍ତର ସେବା ଯୋଗାଇବା, ଚିଲିକା କୂଳ ନିକଟରେ ବେନାମୀ ଚିଙ୍ଗୁଡ଼ି ଚାଷ ବନ୍ଦ କରିବା, ବାଲୁଗାଁ ଚିଲିକା କୂଳରେ ହଜାର ହଜାର ଏକର ଚିଲିକା ଜମି ଜବର ଦଖଲ ଉଚ୍ଛେଦ କରିବା, ଏହି ସବୁ ଅସୁବିଧା ଦୂର ହୋଇପାରିଲେ ୭୦ପ୍ରତିଶତ ମତ୍ସ୍ୟଜୀବୀ ପରିବାର ଦାଦନ ଖଟିବାରୁ ବିରତ ରହିବେ ବୋଲି ଜଣାଇଥିଲେ। ଏହା ବ୍ୟତୀତ ମୌଳିକ ଅଧିକାର ସୁରକ୍ଷିତ ରଖିବା ନେଇ ଦାବିପତ୍ର ପ୍ରଦାନ କରିଥିଲେ।

## ଗଞ୍ଜେଇ ଜବତ, ଦୁଇ ଗିରଫ

ରାୟଗଡ଼ା,୧।୨(ସମିସ): ରାୟଗଡ଼ାରୁ ଟ୍ରେନ୍‌ଯୋଗେ ମଧ୍ୟପ୍ରଦେଶକୁ ଚୋରା ଚାଲାଣ କରିବାକୁ ଉଦ୍ୟମ କରୁଥିବା ବେଳେ ଆଜି ଅଧାବାଟରେ ଗଞ୍ଜେଇ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ରାୟଗଡ଼ା ଜିଲ୍ଲା ଅବକାରୀ ପୁଲିସ। ଅଭିଯୁକ୍ତମାନଙ୍କ ଠାରୁ ୧୬କେଜି ଗଞ୍ଜେଇ ଜବତ ହୋଇଛି। ଯାହାର ବଜାରରେ ଆନୁମାନିକ ମୂଲ୍ୟ ୧ ଲକ୍ଷ ୬୦ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଗିରଫ ଦୁଇ ଜଣ ଅଭିଯୁକ୍ତ ହେଲେ ପହଲୱାନ କେବତ (୨୬) ଏବଂ ଅନିତାବାଇ ଲୋଧି (୩୬)। ଉଭୟଙ୍କ ଘର ମଧ୍ୟପ୍ରଦେଶର ଅଶୋକ ନଗରରେ ବୋଲି ଜଣାପଡିଛି। ଏ ନେଇ ରାୟଗଡ଼ା ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଗଞ୍ଜେଇ ଚୋରା ଚାଲାଣ ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଆଜି ରାୟଗଡ଼ା ରେଳ ଷ୍ଟେସନକୁ ସଂଯୋଗ କରୁଥିବା ନୂତନ ରାସ୍ତାରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ କେବତ ଓ ଅନିତାବାଇ ଦୁଇ ଜଣଙ୍କ ଠାରେ ଥିବା ବ୍ୟାଗରୁ ଗଞ୍ଜେଇ ଜବତ କରାଯାଇଥିଲା।

## ବ୍ରହ୍ମାକୁମାରୀ ଗୀତା ପାଠଶାଳାର ସ୍ୱନକ୍ଷତ୍ର

ଆସିକା, ୧।୨(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ଶକ୍ତି ଭବନର ପିତଳ ସ୍ଥିତ ଗୀତା ପାଠଶାଳାର ୨୮ ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଶିବ ଧ୍ୱଜା ଉତ୍ତୋଳନ କରି ଶିବ ସନ୍ଦେଶ ଯାତ୍ରାର ଶୁଭାରମ୍ଭ କରିଥିଲେ। ଆସ୍କା ସୁଗାର ଇଣ୍ଡଷ୍ଟ୍ରୀର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ଓ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ଯୋଗଦେଇଥିଲେ। ପ୍ରକାଶ ଥାଉ କି, ଏହି ଶିବ ସନ୍ଦେଶ ଯାତ୍ରା ପାଇଁ ଉଦ୍ଦିଷ୍ଟ ଶିବ ସନ୍ଦେଶ ରଥରେ ଶିବ ପିତାଙ୍କ ଦିବ୍ୟ ଜ୍ୟୋତିର୍ଲିଙ୍ଗ ଆସନ୍ତା ଶିବ ଜୟନ୍ତୀ ପର୍ଯ୍ୟନ୍ତ ଶାନ୍ତି ଶକ୍ତି ଭବନର ବିଭିନ୍ନ ସହର ତଥା ପୁରପଲ୍ଲୀରେ ସମସ୍ତ ଉପ ସେବା କେନ୍ଦ୍ର ଓ ପାଠଶାଳା ପରିକ୍ରମା କରିବ।

## ବରଙ୍ଗେଇ ଯୁବକ ସଂଘର ସଫେଇ ଅଭିଯାନ

ଛତ୍ରପୁର, ୧।୨(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ମାଧପୁର ପଞ୍ଚାୟତର ବରଙ୍ଗ ଗ୍ରାମରେ ବରଙ୍ଗେଇ ଯୁବକ ସଂଘ ପକ୍ଷରୁ ଏକ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ଗ୍ରାମର ଶତାଧିକ ଯୁବକ ସ୍ୱଇଚ୍ଛାରେ ଯୋଗଦେଇ ଗ୍ରାମର ରାସ୍ତାଘାଟ, ସାର୍ବଜନିକ ସ୍ଥାନ ଓ ମନ୍ଦିର ପରିସର ସଫା କରିଥିଲେ। ସଫେଇ ସମୟରେ ଯୁବକମାନେ ସ୍ୱଚ୍ଛତା ରକ୍ଷା ସହ ସୁସ୍ଥ ପରିବେଶ ଗଢ଼ିବା ନେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଯୁବକ ସଂଘର ଏହି ସାମୂହିକ ପ୍ରୟାସକୁ ଗ୍ରାମବାସୀ ସ୍ୱାଗତ ଓ ପ୍ରଶଂସା କରିଥିବା ବେଳେ ଆଗାମୀ ଦିନରେ ଏଭଳି ସମାଜସେବା ମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

### ଡଙ୍ଗାମାଟିରେ ପାନୀୟ ଜଳ ସମସ୍ୟା

## ଝରଣା ପାଣି ପିଇ ଲୋକେ ରୋଗଣା

କଲ୍ୟାଣସିଂହପୁର,୧।୨(ସମିସ)

ନିୟମଗିରି ପାହାଡ଼ ଅଞ୍ଚଳରେ ନିତିଦିନିଆ ପାଣି ସମସ୍ୟା । ଝରଣା ପାଣି ପିଇ ଲୋକମାନେ ରୋଗିଣା।



ସମାଧାନ କରି ପାରୁନି ଡିକେଡିଏ ସଂସ୍ଥା। ଏମିତି ଏକ ଗ୍ରାମ ରହିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ପାର୍ଶାଲି ପଞ୍ଚାୟତର ଦୁର୍ଗମ ପାହାଡିଆ ଗ୍ରାମ ଡ଼ଙ୍ଗାମାଟି। ଏହି ଗ୍ରାମରେ ସମସ୍ତ ପରିବାର ପିଭିଟିଜି ଜନଜାତିରେ ଅନ୍ତର୍ଭୁକ୍ତ। ଏମାନଙ୍କ ପାଇଁ ଡିକେଡିଏ, ଓପିଲିପି, ଆଇଫର୍ଡ, ଆଇଟିଡିଏ, ବ୍ଲକ, ପଞ୍ଚାୟତ ଓ ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଭଳି ସରକାରୀ ଓ ବେସରକାରୀ ସଂସ୍ଥା ଦୀର୍ଘ ଚାଳିଶି ବର୍ଷ ଗ୍ରାଉଣ୍ଡ ଜୀରରୁ କାମକଲା କିନ୍ତୁ ଚିରସ୍ଥାୟୀ କାର୍ଯ୍ୟ ନକରି ଅତି ନିମ୍ନମାନର କାର୍ଯ୍ୟ କରିଥିବାରୁ ଲୋକଙ୍କୁ ଭଲ ପାଣି ନାହିଁ ବୋଲି ବର୍ଷା ଶୀତ ଓ ଗ୍ରୀଷ୍ମ ଋତୁରେ ପାଣି ମୁନ୍ଦାଏ ମିଳୁନଥିବା ଅଭିଯୋଗ କରିଛନ୍ତି ଗ୍ରାମର ଡଙ୍ଗରିଆ ମାନେ। ଗ୍ରାମରେ ସଲାର ଚଳିତ ଏକ ନଳକୂପ ରହିଛି ଗତ ଏକ ବର୍ଷ ପୂର୍ବେ ନୂତନକରି ସରକାର ଲଗାଇଥିଲେ। ଉକ୍ତ ସଲାର ଚଳିତ ନଳକୂପ ପାଇଁ ପ୍ରାୟ ଆଠ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିଲେ କିନ୍ତୁ କିଛିଦିନ ଚାଲିବା ପରେ ପାଣି ଆଉ ଆସିଲା ନାହିଁ। ଯାହା ଫଳରେ ଲୋକେ ନିକଟସ୍ଥ ଝରଣା ପାଣି ପିଇ ଜୀବନ ବଞ୍ଚାଉ ଛନ୍ତି।

ସଲାର ଓ ପାଣିଟାଙ୍କି ପାଇଁ ପ୍ରାୟ ଆଠ ଲକ୍ଷ ଟଙ୍କା କୁଆଡେ ଖର୍ଚ୍ଚ ହୋଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସଲାର ଚାଲିତ ନଳକୂପ କେଉଁ ସଂସ୍ଥା ଲଗାଇଲା କାହାକୁ ଜଣା ନାହିଁ ବୋଲି ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଶୀତ ଋତୁ ଚାଲୁଥିବା ସମୟରେ ହିଁ ପାଣି ପାଇଁ କଷ୍ଟ ଅନୁଭବ କରୁଥିବା ବେଳେ ଗ୍ରୀଷ୍ମ ଋତୁ ଆସିବା ବେଳେ ଲୋକଙ୍କ ଅବସ୍ଥା କଣ ହେବ ଚିନ୍ତା କରନ୍ତୁ। ପଞ୍ଚାୟତର କି ବ୍ଲକର ଦାୟିତ୍ୱ ରେ ଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ମଧ୍ୟ ଚୁପ ଥିବା ଦୁର୍ଭାଗ୍ୟ ଜନକ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ କୁ ବ୍ଲକ ପ୍ରଶାସନ କିମ୍ବା ଡିକେଡିଏ ସମ୍ପୂର୍ଣ୍ଣ ଭୁଲି ଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଗ୍ରାମର ଜଳ ସମସ୍ୟା ସମାଧାନ କରିବା ପାଇଁ ଦାବି ହୋଇଛି।

## ସାବୁଳିଆ ସିପିଆଇ ଶାଖାର ସମ୍ମିଳନୀ




ରମ୍ଭା, ୧।୨(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସାବୁଳିଆ ଶାଖାର ୫୧ ତମ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ବାର୍ଷିଆନ ସାଥି ଗୁଣ୍ଡିଚା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଥି ଶ୍ରୀହର୍ଷ ରଥ (ଜିଲ୍ଲା ସମ୍ପାଦକ), ପ୍ରଦୀପ କୁମାର ସେଠୀ, ନୀଳକଣ୍ଠ ଦାସ (ସହସମ୍ପାଦକ), ସି.ଏଚ. ଜନାର୍ଦ୍ଦନ ରେଡ୍ଡୀ, ଦୁର୍ଗା ଚରଣ ପାତ୍ର (ଜିଲ୍ଲା କାର୍ଯକାରୀ କମିଟି ସଦସ୍ୟ), ମନୋଜ ଗୌଡ଼ ( ସରପଞ୍ଚ), ସୀମାଞ୍ଚଳ ବେହେରା ( ଖଲ୍ଲିକୋଟ ଅଞ୍ଚଳ ସମ୍ପାଦକ), ଏନ. ଭାନୁମତୀ ରେଡ୍ଡୀ (ଉତ୍କଳ ମହିଳା ସମିତି ସଭାପତି), କୁମାର ପ୍ରିୟଦର୍ଶୀ (ରାଜ୍ୟ ନେତା), ପ୍ରମୁଖ ମଞ୍ଚାସିନ ହୋଇ କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ସରକାରଙ୍କ ଦୋମୁହାଁ ନୀତି, ନୀତି ନିର୍ଦ୍ଧାରଣରେ ବାଚଳାମି ସହିତ କୌଣସି ନିଷ୍ପତ୍ତିରେ ସଠିକ ଉପନୀତ ହେଉନଥିବାରୁ ବୈଠକରେ ଘୋର ନିନ୍ଦା ପ୍ରସ୍ତାବ ଆସିଥିଲା। ସର୍ବସମ୍ମତି କ୍ରମେ ପୁନର୍ବାର ସନ୍ତୋଷ କୁମାର ଦଳେଇ (ସମ୍ପାଦକ), ସଦାଶିବ ବେହେରା (ସହ ସମ୍ପାଦକ), ଯୁବକ ସଂଘର ସଭାପତି ସନ୍ତୋଷ କୁମାର ତରେଇ, ଉପ ସଭାପତି ସୁଦର୍ଶନ ପରିଡ଼ା, ସମ୍ପାଦକ ବ୍ରହ୍ମାନନ୍ଦ ବେହେରାଙ୍କୁ ଚୟନ ସହିତ ଏକ ୭ ଜଣିଆ କମିଟି ମଧ୍ୟରେ ହରିକୃଷ୍ଣ ଦାସ, ପଞ୍ଚାନନ ବାରିକ, ପୂର୍ଣ୍ଣଚନ୍ଦ୍ର ଦଳାଇ, ମିଟୁ ରଣା, ପ୍ରକାଶ ବାଡ଼ତ୍ୟା ପ୍ରମୁଖ ରହିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାର ମୁଖ୍ୟାଂଶରେ ପଞ୍ଚାନନ ତରେଇ, ଗୁରୁ ଚରଣ ପାତ୍ର, ମାନସ ରଞ୍ଜନ ଗୌଡ଼ ସହଯୋଗ କରିଥିଲେ।

